# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**14th May - 2025**

**********************************

*GNR*

# ଆୟୁର୍ବେଦ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖରେ ଏଣିକି ଆୟୁର୍ବେଦ ଦିବସ ପାଳନ କରାଯିବ । ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ତାରିଖ ପରିବର୍ତ୍ତନ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବ ନିଷ୍ପତ୍ତି ଅନୁଯାୟୀ ଧନ୍‌ତେରାସ୍ ଏବଂ ଆୟୁର୍ବେଦ ଦିବସ ଗୋଟିଏ ଦିନରେ ପାଳିତ ହେଉଥିଲା । ଧନ୍‌ତେରାସ୍ ଯୋଗୁଁ ସେହିଦିନ ଆୟୁର୍ବେଦ ଦିବସ ପାଳନ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନେଇ ଉପୁଜୁଥିବା ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ସୁସ୍ଥ ଜୀବନଶୈଳୀ ପାଇଁ ଆୟୁର୍ବେଦର ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ କହିଛି ।

*Desk*

# ପ୍ରଧାନ ବିଚାରପତି

ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ ଆଜି ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ । ଆସନ୍ତା ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ । ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଗତକାଲି ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ କରିଛନ୍ତି ।

*Desk*

# ତ୍ରିରଙ୍ଗା ଯାତ୍ରା

ଅପରେସନ୍ ସିନ୍ଦୂର୍‌ର ସଫଳତା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦେଶବ୍ୟାପୀ ୧୧ ଦିନିଆ ତ୍ରିରଙ୍ଗା ଯାତ୍ରା ଅଭିଯାନ ଗତକାଲିଠାରୁ ଆରମ୍ଭ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଆଜି ସକାଳେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଭାରତୀୟ ସଶସ୍ତ୍ର ବାହିନୀର ପାକିସ୍ତାନ ବିରୋଧରେ ସଫଳ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଅଭିଯାନର ଉଦ୍ଦେଶ୍ୟ ।

*Desk*

# ରାଜ୍ୟ କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍ ବୈଠକ ଆଜି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୮ଟି ପ୍ରସ୍ତାବ ଉପରେ ଆଲୋଚନା ହେବାର ସୂଚନା ମିଳିଛି । ସେଥିମଧ୍ୟରେ ପଞ୍ଚାୟତିରାଜ, ନଗର ଉନ୍ନୟନ, ଗୃହ, ଜଳସମ୍ପଦ ଏବଂ ପୂର୍ତ୍ତ ବିଭାଗ ଆଦି ରହିଥିବା ଜଣାପଡ଼ିଛି ।

*Desk*

# ଆବାସ ଯୋଜନା - ପଞ୍ଜୀକରଣ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଆସନ୍ତାକାଲି ହେଉଛି ପଞ୍ଜୀକରଣର ଶେଷ ଦିବସ । ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି, ଏହାପରେ ଘରକୁ ଘର ବୁଲି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ । ଏପର୍ଯ୍ୟନ୍ତ ପ୍ରାୟ ୩୫ ଲକ୍ଷ ଲୋକ ପଞ୍ଜୀକରଣ କରିଛନ୍ତି । ବ୍ଲକ୍ ସ୍ତରରୁ ଦଳ ଗଠନ କରାଯାଇ ସର୍ଭେ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି ।

*Desk*

# ଭୋଟର ପରିଚୟପତ୍ର ସଂଶୋଧନ

ସମାନ ନମ୍ବର ଥିବା ଏକାଧିକ ଭୋଟର୍ ପରିଚୟ ପତ୍ର ତ୍ରୁଟିରେ ସୁଧାର ଅଣାଯାଇଛି । ଭୋଟର୍ ତାଲିକାକୁ ତ୍ରୁଟିଶୂନ୍ୟ କରିବାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହାଦ୍ୱାରା ଗତ ୨୦ ବର୍ଷ ଧରି ରହିଥିବା ଏହି ଦୀର୍ଘକାଳୀନ ସମସ୍ୟାର ସମାଧାନ ହୋଇପାରିଛି ବୋଲି କମିଶନ କହିଛନ୍ତି । ୨୦୦୫ ମସିହାରୁ ବିଭିନ୍ନ ରାଜ୍ୟର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କଦ୍ୱାରା ସମାନ ନମ୍ବର ଥିବା ରାଜ୍ୟଭିତ୍ତିକ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ବ୍ୟାପକ ଯାଞ୍ଚ୍ ପରେ ଏହି ସଂଶୋଧିତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କମିଶନ୍‌ଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

*GNR*

# ଆୟୁର୍ବେଦ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖରେ ଏଣିକି ଆୟୁର୍ବେଦ ଦିବସ ପାଳନ କରାଯିବ । ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ତାରିଖ ପରିବର୍ତ୍ତନ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବ ନିଷ୍ପତ୍ତି ଅନୁଯାୟୀ ଧନ୍‌ତେରାସ୍ ଏବଂ ଆୟୁର୍ବେଦ ଦିବସ ଗୋଟିଏ ଦିନରେ ପାଳିତ ହେଉଥିଲା । ଧନ୍‌ତେରାସ୍ ଯୋଗୁଁ ସେହିଦିନ ଆୟୁର୍ବେଦ ଦିବସ ପାଳନ ସଂକ୍ରାନ୍ତ ବିଭିନ୍ନ

କାର୍ଯ୍ୟକ୍ରମ ଆୟୋଜନ ନେଇ ଉପୁଜୁଥିବା ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ସୁସ୍ଥ ଜୀବନଶୈଳୀ ପାଇଁ ଆୟୁର୍ବେଦର ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ କହିଛି ।

***IPR***

# ବେଆଇନ ନିଶା କାରବାର

ରାଜ୍ୟରେ ବେଆଇନ ନିଶାଦ୍ରବ୍ୟ କାରବାରକୁ ରୋକିବା ଏବଂ ନିଶାମୁକ୍ତ ଭାରତ ଗଠନପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସମୀକ୍ଷା ବୈଠକ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନସ୍ଥ ନିଶା ସମନ୍ୱୟ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ପଞ୍ଚମ ରାଜ୍ୟସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତା କରିଥିଲେ । ବେଆଇନ ନିଶାଦ୍ରବ୍ୟ କାରବାର, ଚୋରାଚାଲାଣ ସ୍ଥିତି, ନଷ୍ଟ କରାଯାଇଥିବା ନିଶାଦ୍ରବ୍ୟ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ବେଆଇନ ନିଶାଦ୍ରବ୍ୟ କାରବାରକୁ ରୋକିବା ଲକ୍ଷ୍ୟ ନେଇ ଜନସଚେତନତା ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

*Desk*

## ଷ୍ଟାଫ୍ ସିଲେକ୍ସନ କମିଶନ

ଓଡ଼ିଶା କର୍ମଚାରୀ ଚୟନ ଆୟୋଗ - ଓ.ଏସ୍.ଏସ୍.ସି.ର ୨ ଜଣ ସଦସ୍ୟଙ୍କୁ ନିଯୁକ୍ତି ମିଳିଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତକାଲି ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ - ଆଇ.ଏ.ଏସ୍. ସୁଧାକର ବର୍ଗୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପୂର୍ବତନ ପ୍ରାଧ୍ୟାପିକା ଡକ୍ଟର ଶ୍ରୁତି ଦାସ ଓ.ଏସ୍.ଏସ୍.ସି.ର ସଦସ୍ୟ ନିଯୁକ୍ତ ହୋଇଛନ୍ତି ।

*Desk*

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗତକାଲି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କେତେକ ଅଞ୍ଚଳକୁ ସ୍ପର୍ଶ କରିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ମୌସୁମୀ ବାୟୁ ଆସନ୍ତା ୨୭ ତାରିଖ ସୁଦ୍ଧା କେରଳ ଛୁଇଁବାର ସମ୍ଭାବନା ରହିଛି । ଅପରପକ୍ଷରେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଗତକାଲି ୧୧ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ ହୋଇଥିଲା । ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ଆଜିପାଇଁ ପୁରୀ, ଖୋର୍ଦ୍ଧା, ଗୟାଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****